ଆଜିର ଶିଶୁ, ଆସନ୍ତାକାଲିର ଭବିଷ୍ୟତ । ତେଣୁ ବର୍ତ୍ତମାନରୁ ଶିଶୁଙ୍କ ପ୍ରତି ଦାୟିତ୍ବବାନ ହେବାକୁ ଚାଚା ସନ୍ଦେଶ ଦେଇଥିଲେ । ସେବେଠାରୁ ଚାଚା ନେହେରୁଙ୍କ ଜନ୍ମଦିନକୁ ସାରା ଦେଶରେ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ବିଶେଷ କରି ଦେଶବ୍ୟାପୀ ପ୍ରତିଟି ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳନ କରାଯାଏ । ଇତିହାସକୁ ମନେପକାଇ ସୁସମାଜ ଗଠନ ପାଇଁ ଶିଶୁଙ୍କୁ ଦାୟିତ୍ବବାନ ହେବା ଶିଖାଏ ଏହି ଦିବସ । ସେହିପରି ଏକ ସୁସ୍ଥ ସମାଜ ପାଇଁ ମଧ୍ୟ ବର୍ତ୍ତମାନଠୁ ଶିଶୁଙ୍କ ସୁରକ୍ଷା ମୂଳ ବୋଲି ବଡମାନଙ୍କୁ ସନ୍ଦେଶ ଦିଏ ଏହି ଦିନ ।୧୮୮୯ ମସିହା ନଭେମ୍ବର ୧୪ରେ ଉତ୍ତର ପ୍ରଦେଶ ଆହ୍ଲାବାଦ ସହରର ଏକ କାଶ୍ମୀର ପଣ୍ଡିତ ପରିବାରରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଜବାହରଲାଲ ନେହେରୁ । ତାଙ୍କ ପିତାଙ୍କ ନାମ ମୋତିଲାଲ ନେହେରୁ ଓ ମାତା ସ୍ବରୂପରାଣୀ । ସେ ସ୍ବାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ । ଅଗଷ୍ଟ ୧୫ ୧୯୪୭ ରୁ ମେ ' ୧୯୬୪ ପର୍ଯ୍ୟନ୍ତ ସେ ଦେଶର ପ୍ରଧାନମନ୍ତ୍ରୀ ଥିଲେ । ବାପା ମୋତିଲାଲ ନେହେରୁ ତାଙ୍କ ପଢା ପାଇଁ ଘରେ ଏକାଧିକ ଦେଶୀ-ବିଦେଶୀ ଶିକ୍ଷକଙ୍କୁ ନିଯୁକ୍ତି ଦେଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ୟୁରୋପୀୟ ଶିକ୍ଷକ ଟି ବ୍ରୁକ୍ସ । ତାଙ୍କ ଠାରୁ ନେହେରୁ ଗଭୀର ଭାବେ ପ୍ରଭାବିତ ହୋଇଥିଲେ ଏବଂ ତାଙ୍କ ପ୍ରେରଣାରେ ଦର୍ଶନ , ବିଜ୍ଞାନ, ଇତିହାସ ଓ ସାହିତ୍ୟ ଆଦିରେ ମନଦେଇଥିଲେ ।ପରେ ସେ ଲଣ୍ଡନର ହାରୋ ବିଦ୍ୟାଳୟ ଏବଂ କେମ୍ବ୍ରିଜର ଟ୍ରିନିଟି ମହାବିଦ୍ୟାଳୟରେ ପଢିଥିଲେ । ନେହେରୁ ଲଣ୍ଡନରେ ଆଇନ ପାଠ ମଧ୍ୟ ପଢିଥିଲେ । ସମୟକ୍ରମେ ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ବାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ । ପରେ ସ୍ବାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ

darkodisha.in

ପଣ୍ଡିତ ଜବାହରଲାଲ ନେହେରୁ । ସେ କାଶ୍ମୀର ପଣ୍ଡିତ ପରିବାରରେ ଜନ୍ମଗ୍ରହଣ କରିଥିବାରୁ ତାଙ୍କୁ ପଣ୍ଡିତ-ପଣ୍ଡିତ ବୋଲାଯାଏ ।ତେବେ ଚାଚା ମଧ୍ୟ ବହୁ ପ୍ରେରଣାଦାୟୀ ପୁସ୍ତକ ଲେଖିଛନ୍ତି । ତାଙ୍କ ଦ୍ବାରା ରଚିତ ପୁସ୍ତକ ହେଉଛି 'ଦି ଡିସକଭରୀ ଅଫ୍ ଇଣ୍ଡିଆ', 'ଗ୍ଲିମ୍ପସେସ୍ ଅଫ୍ ୱାର୍ଲ୍ଡ ହିଷ୍ଟ୍ରୀ ', 'ଲେଟର୍ସ ଫ୍ରମ୍ ଏ ଫାଦର ଟୁ ହିଜ୍ ଡଟର ' ଏବଂ ତାଙ୍କ ଆତ୍ମଜୀବନୀ 'ଟୁୱାର୍ଡସ ଫ୍ରୀଡମ୍ ' ଇତ୍ୟାଦି । ୨୭ ମେ ' ୧୯୬୪ ରେ ପଣ୍ଡିତ ନେହେରୁଙ୍କର ହୃଦଘାତରେ ଦେହାନ୍ତ ଘଟିଥିଲା । ତେବେ ଏ ମର୍ତ୍ତ୍ୟ ମଣ୍ଡଳରେ ଦେବେତାଙ୍କୁ ବି ଦେହତ୍ୟାଗ କରିବାକୁ ପଡିଛି । କିନ୍ତୁ କିମ୍ବଦନ୍ତୀ ପୁରୁଷ ତାଙ୍କ କୀର୍ତ୍ତିରାଜି ମାଧ୍ୟମରେ ସର୍ବଦା ମନେ ରହିବେ । ପୃଥିବୀ ଥିବା ପର୍ଯ୍ୟନ୍ତ ଚାଚାଙ୍କୁ ଶିଶୁ ଦିବସରେ ମନେ ପକାଇବ ଦେଶ ।

darkodisha.in